# ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଢେଙ୍କାନାଳ

ପତ୍ର ସଂଖ୍ୟା ୧୦୬ / ସୂ.ଲୋ.ସଂ, ୨୨/୦୧/୨୦୧୯

## ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ର ସମୀକ୍ଷା ବୈଠକ ଅନୁଷ୍ଠିତ

ଢେଙ୍କାନାଳ,ତା ୨୨।୦୧।୨୦୧୯ରିଖ:- ଢେଙ୍କାନାଳ ବନଖଣ୍ଡ ଅନ୍ତର୍ଗତ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ର ବାର୍ଷିକ ସମୀକ୍ଷା ବୈଠକ-୨୦୧୮ ଆଜି ପୂର୍ବାହ୍ନ ୧୦ଟାରେ ହୋଟେଲ ହରିପ୍ରିୟା ଠାରେ ଅନୁଷ୍ଠିତ ହୋଇଯାଇଛି ।

ସମୀକ୍ଷା ପ୍ରାରମ୍ଭରେ ଫଟୋ ପ୍ରଦର୍ଶନୀ ଓ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଦ୍ୱାରା ଖୋଲାଯାଇଥିବା ଷ୍ଟଲକୁ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ତଥା ପିସିସିଏଫ ଶ୍ରୀ ଲଳିତ କୁମାର ତିୱାରୀ ଉଦଘାଟନ କରିଥିଲେ । ଏସ.ଏମ.ଏସ. ଶ୍ରୀ ଅମୀୟ ରଞ୍ଜନ ପରିଡ଼ା ସ୍ୱାଗତ ଭାଷଣ ଦେବାସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହାପରେ ସମୀକ୍ଷା-୨୦୧୮ ପୁସ୍ତିକା ଓ ତଥ୍ୟ ପୁସ୍ତିକାକୁ ପ୍ରକଳ୍ପ ନିର୍ଦ୍ଦେଶକ ଉନ୍ମୋଚନ କରିଥିଲେ । ଡିଏଫଓ ତଥା ଜିଲ୍ଲା ପରିଚାଳନା ୟୁନିଟ୍‌ର ମୁଖ୍ୟ ଶ୍ରୀ ସୁଦର୍ଶନ ସାହୁ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ର ପ୍ରଗତି ସମ୍ପର୍କରେ ସମୀକ୍ଷା ୨୦୧୮ର ପାୱାର ପଏଣ୍ଟ ଉପସ୍ଥାପନା ମାଧ୍ୟମରେ ସମସ୍ତ ବିବରଣୀର ଆଲୋକପାତ କରିଥିଲେ । ଓଡ଼ିଶାର ୧୨ଗୋଟି ଆଞ୍ଚଳିକ ବନଖଣ୍ଡ ମଧ୍ୟରେ ଢେଙ୍କାନାଳ ବନଖଣ୍ଡରେ ଉଜୁଡ଼ା ଜଙ୍ଗଲଗୁଡ଼ିକର ବନୀକରଣ ଏବଂ ସେ ଅଞ୍ଚଳରେ ଅଧିବାସୀମାନଙ୍କର ଜୀବିକା ଉନ୍ନତି ଏହି ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଶ୍ରୀ ସାହୁ ପ୍ରକାଶ କରିଥିଲେ । ଏହି ବନଖଣ୍ଡର ୮ଗୋଟି ରେଞ୍ଜ ମଧ୍ୟରୁ ସମସ୍ତ ରେଞ୍ଜ ଅଧୀନରେ ବନ ସୁରକ୍ଷା ସମିତିଗୁଡ଼ିକ ମାଧ୍ୟମରେ ବନ ସୁରକ୍ଷା ସହ ଉକ୍ତ ଅଞ୍ଚଳର ଅଧିବାସୀମାନଙ୍କର ସାମଗ୍ରିକ ବିକାଶ କରାଯାଉଛି ବୋଲି ସେ କହିଥିଲେ । ୧୧୪୯ ହେକ୍ଟର ପରିମିତ ଅଞ୍ଚଳରେ ୨୪ ଗୋଟି ବନ ସୁରକ୍ଷା ସମିତି ମାଧ୍ୟମରେ ଢେଙ୍କାନାଳ ବନଖଣ୍ଡର ଉଜୁଡ଼ା ଜଙ୍ଗଲ ବନୀକରଣ ସମ୍ପାଦନ ହୋଇପାରୁଛି । ପ୍ରତି ବନ ସୁରକ୍ଷା ସମିତି ପାଇଁ କୋଠା ନିର୍ମାଣ, ମାଗଣା ସ୍ୱାସ୍ଥ୍ୟ ଶିବିର ଇତ୍ୟାଦି କାର୍ଯ୍ୟ ଚାଲୁ ରହିଛି । ଜିଲ୍ଲାପାଳ ଶ୍ରୀ ନିଖିଲ ପବନ କଲ୍ୟାଣ ଏହି ସମୀକ୍ଷା ବୈଠକରେ ଅତିଥିଭାବେ ଯୋଗ ଦେଇ ସମସ୍ତଙ୍କର ସହଯୋଗ ମାଧ୍ୟମରେ ଜଙ୍ଗଲ ସୁରକ୍ଷା ଏବଂ ଜଙ୍ଗଲ ପ୍ରାଣୀମାନଙ୍କର ସୁରକ୍ଷା ସମ୍ଭବ ବୋଲି କହିଥିଲେ । ଢେଙ୍କାନାଳ ଜିଲ୍ଲାରେ ବଡ଼ ବଡ଼ ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବାରୁ ଜଙ୍ଗଲ ବିଭାଗର ସହଯୋଗ ଅତ୍ୟନ୍ତ ଅପରିହାର୍ଯ୍ୟ । ସମସ୍ତ ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କର ପୂର୍ଣ୍ଣ ସହଯୋଗ ଦ୍ୱାରା ଜିଲ୍ଲାର ସର୍ବାଙ୍ଗୀନ ବିକାଶ ହୋଇପାରିବ ବୋଲି ସେ ଆଶା ପ୍ରକାଶ କରିଥିଲେ ।

(ଅ.ପୃ.ଦେ.)

ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ନରୋତ୍ତମ ବେହେରା ଜିଲ୍ଲା ପ୍ରଶାସନ ତରଫରୁ ଜଙ୍ଗଲ ବିଭାଗକୁ ସମସ୍ତ ସହଯୋଗ ପ୍ରଦାନ କରାଯାଉଛି ବୋଲି କହିଥିଲେ ।

ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଶ୍ରୀ ସନ୍ତୋଷ କୁମାର ନାୟକ ଜଙ୍ଗଲ ବିଭାଗ ଦ୍ୱାରା କାର୍ଯ୍ୟରେ ପ୍ରଶଂସା କରିବା ସହିତ ସମସ୍ତ ଏହି ଜିଲ୍ଲାରେ ହାତୀ ଉପଦ୍ରବ ନିୟନ୍ତ୍ରଣ ପାଇଁ ବନ କର୍ମଚାରୀମାନଙ୍କର ସହଯୋଗ କାମନା କରିଥିଲେ । ଅନୁଗୁଳ ସର୍କଲର ପ୍ରକଳ୍ପ ନିର୍ଦ୍ଦେଶକ ତଥା ଅତିରିକ୍ତ ପି.ସି.ସି.ଏଫ ଡଃ ସନ୍ଦୀପ ତ୍ରିପାଠୀ ବନ ସୁରକ୍ଷା ସମିତି ଗ୍ରାମବାସୀମାନଙ୍କର ସର୍ବାଙ୍ଗୀନ ଉନ୍ନତି କରାଯିବ ବୋଲି କହିଥିଲେ । ଏହି ପ୍ରକଳ୍ପ ମାଧ୍ୟମରେ ବନ ସୁରକ୍ଷା ପାଇଁ ସ୍ୱେଚ୍ଛାସେବୀମାନଙ୍କୁ ନିଯୋଜନ କରାଯାଉଛି । ଓଡ଼ିଶାରେ ଜମି ବ୍ୟବହାର ଯୋଜନା ହେଉନଥିବାରୁ ହାତୀମାନଙ୍କର ଓ ଅନ୍ୟାନ୍ୟ ଜୀବଜନ୍ତୁଙ୍କର ଉପଦ୍ରବ ବୃଦ୍ଧି ପାଉଥିବା ସେ ପ୍ରକାଶ କରିଥିଲେ । ପ୍ରକୃତି ଓ ପରିବେଶ ଠିକ ରହିଲେ ଆମେ ଠିକ ରହିବା ବୋଲି ସେ ମତବ୍ୟକ୍ତ କରିଥିଲେ । ପ୍ରକଳ୍ପ ନିର୍ଦ୍ଦେଶକ ତଥା ସି.ସି.ଏଫ ଶ୍ରୀ ଲଳିତ କୁମାର ତିୱାରୀ ଏହି ବୈଠକରେ ଜିଲ୍ଲାରେ ଉତ୍ତମ ଜଙ୍ଗଲର ସଂରକ୍ଷଣ ଓ ବନ ସୁରକ୍ଷା ସମିତି ସଦସ୍ୟ ସଦସ୍ୟାମାନଙ୍କର ସର୍ବାଙ୍ଗୀନ ବିକାଶ ଏହି ପ୍ରକଳ୍ପର ମୂଳ ଲକ୍ଷ୍ୟ ବୋଲି କହିଥିଲେ । ଢେଙ୍କାନାଳ ବନଖଣ୍ଡ ଅନ୍ତର୍ଗତ ୧୪୦ ଗୋଟି ଗ୍ରାମରେ ଏହି ଯୋଜନା ମାଧ୍ୟମରେ ବନାୟନ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ ବୋଲି ଶ୍ରୀ ତିୱାରୀ ପ୍ରକାଶ କରିଥିଲେ । ଶେଷରେ ଏ.ସି.ଏଫ ଶ୍ରୀ ଜଗନ୍ନାଥ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ ପାଇଁ ପରସ୍ପର ଉପସ୍ଥାପନା କରାଯାଇ ବିଭାଗୀୟ ଅଧିକାରୀ, ବନ ପରିଚାଳନା ମୁଖ୍ୟ ଓ ସଂଯୋଜକମାନଙ୍କଦ୍ୱାରା ସଂପାଦନ କରାଯାଇଥିଲା । ସେହିପରି ଭୋଜନ ପରେ ବନ ସୁରକ୍ଷା ସମିତି ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ଓ ସଦସ୍ୟାମାନଙ୍କର ଅଭିଜ୍ଞତା ତଥା ସଫଳ କାହାଣୀ ଏବଂ ସେମାନଙ୍କ ଆଶା ଓ ଆକାଂକ୍ଷା ସମ୍ପର୍କରେ ସମସ୍ତେ ଅବଗତ ହୋଇଥିଲେ ।

ଏହି ପ୍ରଶିକ୍ଷଣ ବୈଠକରେ ଜିଲ୍ଲା ପରିଷଦ ଉପସଭାପତି ଶ୍ରୀମତୀ ମାନସୀ ନାୟକ, ସମସ୍ତ ଜିଲ୍ଲା ସ୍ତରୀୟ ସଂସ୍ଥାର ଅଧିକାରୀଗଣ, ଗଣମାଧ୍ୟମ ପ୍ରତିନିଧି, ବନ ସୁରକ୍ଷା ସମିତି ଓ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ସଦସ୍ୟାଗଣ ଏବଂ ଜଙ୍ଗଲ ବିଭାଗ ଅଧିକାରୀ ଓ କର୍ମଚାରୀମାନେ ଯୋଗ ଦେଇଥିଲେ ।

ହେମନ୍ତ କୁମାର ନାୟକ
୨୨/୦୧/୨୦୧୮

ଜିଲ୍ଲା ସୂଚନା ଓ ଲୋକ
ସମ୍ପର୍କ ଅଧିକାରୀ
ଢେଙ୍କାନାଳ